ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# କର୍ମସ୍ଥଳୀରେ ମହିଳାମାନଙ୍କ ଯୌନ ଉତ୍ପୀଡ଼ନ ସଂପର୍କିତ ପ୍ରଶିକ୍ଷଣ

ଭୁବନେଶ୍ୱର, ୦୨ ଫେବୃଆରୀ, ୨୦୧୯

ଭାରତୀୟ ସମ୍ବିଧାନର ଧାରା ୧୪, ୧୯ ଏବଂ ୨୧ ଅନୁଯାୟୀ କର୍ମଜୀବୀ ମହିଳାମାନଙ୍କ ମୌଳିକ ଅଧିକାରର ସୁରକ୍ଷା ତଥା ପ୍ରବର୍ତ୍ତନ କରିବା ସରକାରଙ୍କ ଦାୟିତ୍ୱ । ଲିଙ୍ଗଗତ ନ୍ୟାୟ ସଂପର୍କରେ ସଚେତନତା ବୃଦ୍ଧି ଫଳରେ କର୍ମସ୍ଥଳୀରେ ଯୌନଉତ୍ପୀଡ଼ନ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ କର୍ମସ୍ଥଳୀରେ ମହିଳାମାନଙ୍କ ଯୌନ ଉତ୍ପୀଡ଼ନ(ନିବାରଣ, ନିଷେଧ ଓ ପ୍ରତିକାର) ଅଧିନିୟମ ଓ ନିୟମାବଳୀ-୨୦୧୩ ଏକ ସଶକ୍ତ ବ୍ୟବସ୍ଥା । ଯଦ୍ୱାରା କର୍ମକ୍ଷେତ୍ରରେ ମହିଳାମାନଙ୍କର ଯୌନ ଉତ୍ପୀଡ଼ନ ଭଳି ସମସ୍ୟାକୁ ପ୍ରତିହତ କରାଯାଇପାରିବ । ରାଜ୍ୟସ୍ତରରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଏହି ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ନୋଡାଲ ବିଭାଗ ଭାବେ କାର୍ଯ୍ୟ କରୁଛି ।

ଏଥି ନିମନ୍ତେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ବିଭିନ୍ନ ବିଭାଗ ଓ ନିର୍ଦ୍ଦେଶାଳୟରେ କାର୍ଯ୍ୟକ୍ଷମ ଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ସଦସ୍ୟସଦସ୍ୟାମାନଙ୍କ ପାଇଁ ଏକ ଦିବସୀୟ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ଓ ନିର୍ଦ୍ଦେଶାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ୧୩୦ ଜଣ ସଦସ୍ୟସଦସ୍ୟା ଅଂଶଗ୍ରହଣ କରିଥିଲେ ।

ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ଦିଲ୍ଲୀ ରାଜ୍ୟ ଆଇନ ପ୍ରାଧିକରଣର ସ୍ୱତନ୍ତ୍ର ସଚିବ ଶ୍ରୀମତୀ ଗୀତାଞ୍ଜଳି ଗୋୟଲ, ବିଷୟ ବିଶେଷଜ୍ଞ ଭାବେ କର୍ମସ୍ଥଳୀରେ ମହିଳାମାନଙ୍କ ଯୌନ ଉତ୍ପୀଡ଼ନ(ନିବାରଣ, ନିଷେଧ ଓ ପ୍ରତିକାର) ଅଧିନିୟମ ଓ ନିୟମାବଳୀ-୨୦୧୩ର ଉଦ୍ଦେଶ୍ୟ, କାର୍ଯ୍ୟାନ୍ୱୟନ ପଦ୍ଧତି ସହିତ ଯୌନ ଉତ୍ପୀଡ଼ନ ସଂପର୍କିତ ଅନେକ କେସ୍ ଷ୍ଟଡି ଅବତାରଣା କରିଥିଲେ ।

ମୁକ୍ତ ଆଲୋଚନା ପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷ ହୋଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅବସରରେ ବିଭାଗୀୟ ଯୁଗ୍ମ ଶାସନ ସଚିବ ଶ୍ରୀ ଏନ୍. ବାରିକ, ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ୍‌ର ରାଜ୍ୟ ପ୍ରକଳ୍ପ ସଂଯୋଜିକା ଡ. ଏ ପଟେଲ୍ ଉପସ୍ଥିତ ଥିଲେ ।

ବସନ୍ତ କୁମାର ମହାନ୍ତି
ସୂଚନା ଅଧିକାରୀ